
Birla White
SALT BLOCK
ANTI-EFFLORESCENCE PUTTY
ADITYA BIRLA
BUILDING SOLUTIONS
କାନ୍ଥରେ ଲୁଣ ନୁହେଁ,
ଦିଶୁଛି କେବଳ
ପ୍ରିମିୟମ ଚମକ!
ବିର୍ଲା ହ୍ୱାଇଟ୍ ସଲ୍ଟ ବ୍ଲକ୍
ଆଣ୍ଟି-ଏଫ୍ଲୋରେସେନ୍ସ ପୁଟ୍ଟୀ
ANTI-EFFLORESCENCE PUTTY
Birla White
SALT BLOCK
1 ବର୍ଷର ୱାରେଣ୍ଟୀ*
RESIST SALT FORMATION
40 kg
ANTI EFFLORESCENCE
WATER RESISTANCE
HIGHEST WHITENESS
ସଲ୍ଟ ଫର୍ମେଶନ୍
ଆଣ୍ଟି ଏଫ୍ଲୋରେସେନ୍ସ
ପାଣି ପ୍ରତିରୋଧୀ
ସର୍ବାଧିକ ଧବଳତା
*ସର୍ତ୍ତ ଓ ନିୟମାବଳୀ ଲାଗୁ

## ଉତ୍ପାଦ ବିଷୟରେ

# ବିର୍ଲା ହ୍ୱାଇଟ୍ ସଲ୍ଟ ବ୍ଲକ୍ ଆଣ୍ଟି-ଏଫ୍ଲୋରେସେନ୍ସ ପୁଟ୍ଟୀ

ଏକ ଆଡ୍ଭାନ୍ସଡ ହ୍ୱାଇଟ୍ ସିମେଣ୍ଟ ଆଧାରିତ ପୁଟ୍ଟୀ, ବିର୍ଲା ହ୍ୱାଇଟ୍ ସଲ୍ଟ ବ୍ଲକ୍ ଆଣ୍ଟି-ଏଫ୍ଲୋରେସେନ୍ସ ପୁଟ୍ଟୀ ଅନ୍ୟତମ ସବୁଠୁ କମନ୍ ଆଉ ସଦା ବିଦ୍ୟମାନ କାନ୍ଥ ସମସ୍ୟା: ଏଫ୍ଲୋରେସେନ୍ସ ର ସମାଧାନ କରିଥାଏ ।

ପ୍ରାୟତଃ ଘରେ ଦିଶୁଥିବା ଏଫ୍ଲୋରେସେନ୍ସ, ମାନେ କାନ୍ଥରେ ଧଳା ଧଳା ଗୁଣ୍ଡ ଜମା ହେବା, ଯାହା ପବନ ବାଜିବାରୁ ଆର୍ଦ୍ରତା ହରାଇବା ଯୋଗୁଁ ହୋଇଥାଏ ।

ଉଚ୍ଚ କାର୍ଯ୍ୟକ୍ଷମ ଆଡିଟିଭ୍ସ ଆଉ ଆକ୍ଟିଭ୍ ଜର୍ମାନ-ବେସ୍ଡ ସିଲିକନ୍ ପଲିମର୍ସ ରେ ଫର୍ମୁଲେଟ୍ ହୋଇଥିବା ସଲ୍ଟ ବ୍ଲକ୍ ଏକ ମଜବୁତ, ଟିକାଉ ମୂଳଦୁଆ ସୃଷ୍ଟି କରେ, ଆର୍ଦ୍ରତାକୁ ଭିତରେ ଅଟକାଏ, ଆଉ ସର୍ଫେସ୍ ଡ୍ୟାମେଜ୍ ହେବାରୁ ସୁରକ୍ଷିତ ରଖେ, ଉତ୍କୃଷ୍ଟ ଧବଳତା ନିଶ୍ଚିତ କରେ ।




*ସର୍ତ୍ତ ଓ ନିୟମାବଳୀ ଲାଗୁ

# ଅଭିନବତ୍ୱ କେବେ ଅଟକେ ନାହିଁ ।

ଗୋଟେ ବର୍ଗ ନିଶ୍ଚଳ ହୋଇଗଲେ, ବିର୍ଲା ହ୍ୱାଇଟ୍ ଆଗେଇଆସେ । ସେଇଥିପାଇଁ ଆମେ ଆଗେଇଲୁ ଆଉ ବିକଶିତ କଲୁ ଭାରତୀୟ ଘରମାନଙ୍କରେ କାନ୍ଥଗୁଡ଼ିକରେ ହେଉଥିବା ଅନ୍ୟତମ ସମସ୍ୟା ଏଫ୍ଲୋରେସେନ୍ସ'ର ସମାଧାନ କରୁଥିବା ଉତ୍ପାଦ । ନବୀନତାର ବିକାଶ ଆମର କେନ୍ଦ୍ରବିନ୍ଦୁ ହେବା ସାଙ୍ଗକୁ ଭାରତୀୟ ଘରଙ୍କୁ ସ୍ୱାସ୍ଥ୍ୟକର ଆଉ ନିରାପଦ କରିବା ନିମନ୍ତେ ସଲ୍ଟ ବ୍ଲକ୍ ଆଣ୍ଟି-ଏଫ୍ଲୋରେସେନ୍ସ ପୁଟ୍ଟୀ ଯୋଗେ ଚଜାରରେ ବିପ୍ଲବ ଆଣିବାରେ ଆମେ ଗର୍ବିତ ।

ଗ୍ରାହକ, କଣ୍ଟ୍ରାକ୍ଟର୍ ଆଉ ପେଣ୍ଟର୍ ଆଦିଙ୍କ ପାଇଁ ଏକ ଅସଲ ଆଉ ମହତ୍ତ୍ୱପୂର୍ଣ୍ଣ ଆବଶ୍ୟକତା ତୁଲାଉଥିବା ଏହି ଉତ୍ପାଦ – ସଲ୍ଟ ବ୍ଲକ୍ ଆଣ୍ଟି-ଏଫ୍ଲୋରେସେନ୍ସ ପୁଟ୍ଟୀ ବିର୍ଲା ହ୍ୱାଇଟ୍'ର ଆଡ୍ଭାନ୍ସଡ ସଲ୍ୟୁଶନ୍ସ'ର ପଣକୁ ବଳଶାଳୀ କରୁଛି, ଯାହା କାନ୍ଥର ଟିକାଉପଣ ବଢ଼ାଏ ଆଉ ଘରର ଜୀବନ ବି ଲମ୍ବାଏ, ଇଣ୍ଡଷ୍ଟ୍ରୀ ପାଇଁ ନୂଆ ମାନସ୍ତର ସାବ୍ୟସ୍ତ କରେ ।

## ସଲ୍ଟ ବ୍ଲକ୍ ଆଣ୍ଟି-ଏଫ୍ଲୋରେସେନ୍ସ ପୁଟ୍ଟୀ କୁ ପ୍ରସ୍ତୁତ କରାଯାଇଛି ଏସବୁ ପାଇଁ:

- ସଲ୍ଟ ମାଇଗ୍ରେସନ୍ କୁ ସକ୍ରିୟ ଭାବେ ପ୍ରତିରୋଧ କରେ ।
- ଆର୍ଦ୍ରତା–ସମ୍ପୃକ୍ତ କାନ୍ଥ କ୍ଷତିକୁ ପ୍ରତିରୋଧ କରେ ।
- ଟିକାଉ ଓ ଉନ୍ନତ ଧଳାପଣ ଦେଇଥାଏ ।
- 1 ବର୍ଷର ୱାରେଣ୍ଟୀ ଦିଏ ।

# ବିର୍ଲା ହ୍ୱାଇଟ୍ ସଲ୍ଟ ବ୍ଲକ୍
# ଆଉ କିଛି ନାହିଁ ତା' ପରି

### ଆଣ୍ଟି-ଏଫ୍ଲୋରେସେନ୍ସ ସୁରକ୍ଷା

ଏହାର ବିଶିଷ୍ଟ ଫର୍ମୁଲେଶନ୍ ଲୁଣକୁ ଅଟକାଏ, ଆର୍ଦ୍ରତା–ହ୍ରାସ ନିୟନ୍ତ୍ରଣ କରେ ଆଉ ଧଳା ଧଳା ପ୍ୟାଚ୍, ଦାଗ ପଡ଼ିବା, ଆଉ ପରସ୍ତ  ଛାଡ଼ିବା ପରି ଅବସ୍ଥାର ପ୍ରତିରୋଧ କରେ ।

### ଉଚ୍ଚ ପାଣି ପ୍ରତିରୋଧ

ଆକ୍ଟିଭ୍ ଜର୍ମାନ–ବେସ୍ଡ ସିଲିକନ୍ ପଲିମର୍ସ କୁ କମ୍ପୋଜିଶନ୍ ରେ ମିଶାଯାଇଥାଏ ଏକ ସୁରକ୍ଷାଦାୟକ ବାଡ଼ ତିଆରି କରିବାକୁ, ଯାହା ଆର୍ଦ୍ରତାକୁ ଭିତରେ ବନ୍ଦ ରଖେ, କାନ୍ଥରେ ଧଳା ଗୁଣ୍ଡର ପରସ୍ତ ସୃଷ୍ଟି ହେବା ଅଟକାଏ । ଏହା ସନ୍ତେଇବା ତଥା ଅନ୍ୟାନ୍ୟ ବହିର୍ଭାଗୀୟ ପାଣିପାଗ ପ୍ରଭାବ ଠାରୁ ବି ସୁରକ୍ଷିତ ରଖେ ।

### ସର୍ବାଧିକ ଧବଳତା

ଅଧିକ ଉଜ୍ଜ୍ୱଳ ଆଉ ଅଧିକ ଧଳା କାନ୍ଥ ସକାଶେ, ସଲ୍ଟ ବ୍ଲକ୍ ଅନନ୍ୟ କାନ୍ଥ ସୁରକ୍ଷା ସହିତ ଉଚ୍ଚ କାର୍ଯ୍ୟକ୍ଷମ ପୁଟ୍ଟୀ–ପରସ୍ତ ମିଶାଏ ଆଉ ଟିକାଉ ସାମର୍ଥ୍ୟ ଓ ଫିନିଶ୍ ଦିଏ । ଆପଣଙ୍କ କାନ୍ଥଙ୍କୁ ଅଧିକ ଉଜ୍ଜ୍ୱଳ ଆଉ ଘରକୁ ଅଧିକ ସୁନ୍ଦର ରଖିବାର ଗୁଣସବୁ ଏଥିରେ ଥାଏ ।

1 YEAR WARRANTY*

### 1-ବର୍ଷର ୱାରେଣ୍ଟୀ

ଏଫ୍ଲୋରେସେନ୍ସ ୱାରଣ୍ଟୀ ଥିବା ଇଣ୍ଡଷ୍ଟ୍ରୀ'ର ଏକମାତ୍ର ପୁଟ୍ଟୀ, ସଲ୍ଟ ବ୍ଲକ୍ ଦେଉଛି 1–ବର୍ଷର ନିଶ୍ଚିତ ସୁରକ୍ଷା, ଏଣେ କାନ୍ଥଙ୍କୁ ରଖେ ଫ୍ରେଶ୍ ଆଉ ନୂଆ ।

## ଅନ୍ୟାନ୍ୟ ମୁଖ୍ୟ ଲାଭସବୁ ହେଲା:

- ପେଣ୍ଟ୍ ଅଧିକ ଭଲ ଭାବେ ଲାଗିରହେ
- ସହଜିଆ, ସହଳିଆ ଆପ୍ଲିକେଶନ୍
- ଜ୍ୱଳନଶୀଳ ନୁହେଁ, ପାଣିପାଗ–ପ୍ରତିରୋଧୀ
- ମସୃଣ, ଅଧିକ ଗ୍ଲସୀ ଫିନିଶ୍
- କ୍ରାକ୍–ପ୍ରତିରୋଧକ
- ପର୍ଯ୍ୟାବରଣ–ଅନୁକୂଳ, ଦୁର୍ଗନ୍ଧ–ମୁକ୍ତ
- ଷ୍ଟ୍ରଙ୍ଗ୍ ସର୍ଫେସ୍ ବେସ୍
- କ୍ୟୋରିଙ୍ଗ ଅନାବଶ୍ୟକ
- ସିଞ୍ଚନ ଯନ୍ତ୍ର ଅନୁକୂଳ

# ଟେକ୍ନିକାଲ୍ ବିବରଣୀ

| କ୍ରମାଙ୍କ | ଟେକ୍ନିକାଲ୍ ପାରାମିଟର୍ସ | ବିବରଣୀସବୁ |
|---|---|---|
| 1. | *କଭରେଜ୍: 2 କୋଟ୍ (ବର୍ଗଫୁଟ/କେଜି) | 17 - 20 |
| 2. | ପଟ୍ ଲାଇଫ୍ (ଘଣ୍ଟା) | ପ୍ରାୟ 3 – 3.5 |
| 3. | ଟେନ୍ସାଇଲ୍ ଷ୍ଟ୍ରେଙ୍ଗ୍ଥ @ 28 ଦିନ ($N/mm^2$) | ≥1.0 |
| 4. | ୱାଟର୍ କ୍ୟାପିଲାରୀ ଆବ୍ସର୍ପ୍ଶନ୍ (ମି.ଲି.), 30 ମିନିଟ @ 28 ଦିନ | ≤0.05 |
| 5. | ବଲ୍କ ଡେନ୍ସିଟୀ ($g/cm^3$) | 0.9 to 1.0 |
| 6. | ମିଶ୍ରଣ ଅନୁପାତ (ପ୍ରତି କେଜି) | 360-380ମି.ଲି. |
| 7. | କମ୍ପ୍ରେସିଭ୍ ଷ୍ଟ୍ରେଙ୍ଗ୍ଥ | ≥ 5.5 $N/mm^2$ |
| 8. | ଫାୟର୍ କ୍ଲାସିଫିକେଶନ | ଜ୍ୱଳନଶୀଳ ନୁହେଁ |
| 9. | ମହଜୁଦ କଲେ ରହିପାରିବା ସମୟ | ଉତ୍ପାଦ ଦିନାଙ୍କ ଠାରୁ 12 ମାସ, ଶୁଖିଲା ଓ ଶେଲ୍ଟର୍ଡ ସ୍ଥିତିରେ |

*ବାସ୍ତବିକ କଭରିଙ୍ଗ କ୍ଷମତା ପୃଷ୍ଠଭାଗର ପରିସ୍ଥିତି (ଟେକ୍ସଚର୍, ରଫ୍‌ନେସ୍ ଓ ଛିଦ୍ରମୟତା), ଆପ୍ଲିକେଶନ୍ ଅବସ୍ଥା (ପେଣ୍ଟର୍ କୁଶଳତା ଓ ଆପ୍ଲିକେଶନ୍ ପଦ୍ଧତି) ଏବଂ ବହିର୍ଭାଗୀୟ ତଥ୍ୟସବୁ (ତାପମାତ୍ରା, ପବନ ବେଗ, ଆଦି) ଉପରେ ନିର୍ଭର କରି ଭିନ୍ନ ହୋଇପାରେ ।

# ପ୍ରୋଫେଶନାଲ୍‌ମାନେ ବିଶ୍ୱାସ କରନ୍ତି ।

ଏକ୍ସକ୍ଲୁସିଭ୍ ପେଣ୍ଟର୍ ଅଫର୍:

**₹180 କ୍ୟାଶ୍ + ₹20 ଲୟାଲ୍‌ଟୀ**

କିଣାଯିବା ପ୍ରତ୍ୟେକ 40 କେଜି ପ୍ୟାକ୍ ସହିତ ।



# ପୁଟ୍ଟୀ ପାଇଁ ଅଛି ୱାରେଣ୍ଟୀ

1. **ଇଣ୍ଡଷ୍ଟ୍ରୀ ରେ ପ୍ରଥମ:** ଇଣ୍ଡଷ୍ଟ୍ରୀରେ ୱାରେଣ୍ଟୀ ଦେଉଥିବା **ଏକମାତ୍ର** ପୁଟ୍ଟୀ ।
2. **ଅଦ୍ୱିତୀୟ ଆସ୍ୟୋରାନ୍ସ:** ଏକ୍ସକ୍ଲୁସିଭ୍ 1–**ବର୍ଷର ଏଫ୍ଲୋରେସେନ୍ସ ୱାରେଣ୍ଟୀ** ସହିତ ଆସେ ।

# ପୂରା ଅଟୋମେଟେଡ୍ ଦୁଇ-ପରସ୍ତିଆ ସୀଲ୍ ପ୍ୟାକେଜିଙ୍ଗ

ଉତ୍କୃଷ୍ଟତା ପାଇଁ ଡିଜାଇନ୍ ହୋଇଥିବା ସଲ୍ଟବ୍ଲକ୍ ଏକ ପୂରା ଅଟୋମେଟେଡ୍, ଦୁଇ–ପରସ୍ତିଆ ସୀଲ୍ବନ୍ଦ ପ୍ୟାକ୍ ରେ ଆସେ, ଯାହା ଉତ୍ପାଦକୁ ବାହାର ପ୍ରଦୂଷକଙ୍କ ଠାରୁ ସୁରକ୍ଷିତ ରଖେ ଆଉ ଏହାର ପ୍ରିମିଅମ କ୍ୱାଲିଟୀ ବଜାୟ ରଖେ ।

# ଏହାର ବୈଶିଷ୍ଟ୍ୟ

**Dust-Free** – ପ୍ରତିଥର ଶୁଦ୍ଧ, ଅଣ–ପ୍ରଦୂଷିତ ପୁଟ୍ଟୀ ମିଳିବା ନିଶ୍ଚିତ କରିଥାଏ ।

**Moisture-Free** – ଢେଲା ସୃଷ୍ଟି ହେବା ଅଟକାଏ ଆଉ କନ୍ସିଷ୍ଟେନ୍ସୀ ବଜାୟ ରଖେ ।

**Zero Material Spillage** – ମହଜୁଦକରଣ ଓ ବ୍ୟବହାର କଲାବେଳେ ମାଟେରିଅଲ୍ ହାନୀ ହେବା ପ୍ରତିରୋଧ କରେ ।

**12 Months Shelf Life** – ଦୀର୍ଘସ୍ଥାୟୀ ଉପଯୋଗିତା ବିନା କମ୍ପ୍ରମାଇଜ୍ ରେ ।



# ଅଲଗା ଅଲଗା ଅଞ୍ଚଳରେ/ପୃଷ୍ଠଭାଗରେ ଉପଯୋଗ ମାର୍ଗଦର୍ଶିକା

## ବିର୍ଲା ହ୍ୱାଇଟ୍ ସଲ୍ଟ ବ୍ଲକ୍ ଆଣ୍ଟି-ଏଫ୍ଲୋରେସେନ୍ସ ପୁଟୀ ଅଲଗା ଅଲଗା ପୃଷ୍ଠଭାଗରେ ଲଗାଇହୁଏ, ଯେପରିକି:

- ଇଣ୍ଟିରିଅର୍ କାନ୍ଥସବୁ
- ବେସ୍‌ମେଣ୍ଟ ଅଞ୍ଚଳ ଓ ସୀଲିଙ୍ଗସବୁ
- ଏକ୍ସଟିରିଅର୍ କାନ୍ଥସବୁ
- ରିପେଣ୍ଟିଙ୍ଗ/ପୁରୁଣା ସିମେଣ୍ଟିସିଅସ୍ ପୃଷ୍ଠଭାଗସବୁ

# ସାଧାରଣ ଉପଯୋଗ ପଦ୍ଧତି

**ପୃଷ୍ଠଭାଗ ପ୍ରସ୍ତୁତି**
ପ୍ରଥମ ସୋପାନ ରୂପେ, ପୃଷ୍ଠଭାଗ ଟାଣ, ସଫା, ଆଉ ଧୂଳି-ମୁକ୍ତ ଥିବା ନିଶ୍ଚିତ କରନ୍ତୁ । ସେଠାରେ କୌଣସି ଫଙ୍ଗସ୍ ପ୍ୟାଚ୍ ନଥିବା କିମ୍ବା ଲଗାଇବା ସ୍ଥାନରେ ଲୁଣ ଜମାଟ ବାନ୍ଧିନଥିବା ବି ନିଶ୍ଚିତ କରନ୍ତୁ ।

**ଆଗ ଓଦା କରିବା**
ପୃଷ୍ଠଭାଗକୁ ଆଗ ଭଲଭାବେ ଓଦା କରନ୍ତୁ । ଜାଣିରଖନ୍ତୁ ଯେ ଉତ୍ପାଦର କାମ ପ୍ରଭାବୀ ହେବା ପାଇଁ, ଲଗାଯିବା ସମୟରେ କାନ୍ଥ ଆର୍ଦ୍ର ରହିବା ଜରୁରୀ ।

**ମିଶାଇବା**
1 କିଲୋ ପୁଟୀକୁ 360-380 ମି.ଲି. ସଫା ପାଣିରେ ମିଶାନ୍ତୁ । ପିଠଉ ପରି ମିଶ୍ରଣ ପାଇବା ପାଇଁ ମେକାନିକାଲ ଷ୍ଟିରର୍ ବ୍ୟବହାର କରିବା ଉଚିତ ।

**ଲଗାଇବା**
ପ୍ରଥମ ପରସ୍ତ ଏକସମାନ ଭାବେ ଲଗାନ୍ତୁ । ଶୁଖିବା ପରେ, ସଧୀରେ ମସୃଣ କରନ୍ତୁ ଓ ଦ୍ୱିତୀୟ ପରସ୍ତ ଲଗାନ୍ତୁ । ଜାଣିରଖନ୍ତୁ ଯେ 2 ପରସ୍ତ ଲଗାଇବା ପରେ ମୋଟ ବହଳାପଣ ପ୍ରାୟ 1.5 ମି.ମି. ରହିବା ଜରୁରୀ ।

**ଶୁଖିବା**
ପୃଷ୍ଠଭାଗକୁ ପୂରା ଶୁଖିବାକୁ ଦିଅନ୍ତୁ । ତାପରେ ପ୍ରାଇମର୍ ଆଉ ଟପ୍‌କୋଟ୍ ଲଗାଇବେ ।

# ସବ୍‌ଷ୍ଟ୍ରେଟ୍ ପ୍ରସ୍ତୁତି

**ନୂଆକରି ପ୍ଲାଷ୍ଟର୍ ହୋଇଥିବା ପୃଷ୍ଠଭାଗ/ସବ୍‌ଷ୍ଟ୍ରେଟ୍**

ନୂଆ ପ୍ଲାଷ୍ଟର୍ ଅତି କମରେ 28 ଦିନ ପର୍ଯ୍ୟନ୍ତ କ୍ୟୋର୍ ହେବାପରେ ସଲ୍‌ଟ ବ୍ଲକ୍ ଆଣ୍ଟି-ଏଫ୍ଲୋରେସେନ୍‌ସ ପୁଟ୍ଟୀ ଲଗାଯିବ । ପୃଷ୍ଠଭାଗ ଟାଣ ଥିବାଟା ନିଶ୍ଚିତ କରନ୍ତୁ । ପୃଷ୍ଠଭାଗରେ ଧୂଳି, ମଇଳା, ବାଲିକଣ, କିମ୍ବା ଫଙ୍ଗସ୍ ଥିଲେ, ପାଣିରେ ଭଲକରି ଧୋଇ ସେସବୁକୁ ତାର ବ୍ରଶ୍/ପୁଟ୍ଟୀ ବ୍ଲେଡ୍ ଦ୍ୱାରା ବାହାର କରନ୍ତୁ ।

**ପୁରୁଣା ଚିତ୍ରିତ ପୃଷ୍ଠଭାଗ/ସବ୍‌ଷ୍ଟ୍ରେଟ୍**

- ସ୍କ୍ରେପର୍, ତାର ବ୍ରଶ୍, କିମ୍ବା ଯୋଗ୍ୟ ବାଲିକାଗଜ ବ୍ୟବହାର କରି ଛେଲା ଛାଡୁଥିବା ବା ଉଲୁରିବା ପେଣ୍ଟ୍ ବାହାର କରନ୍ତୁ । ଗ୍ଲସୀ ଅଥବା ଅଣଛିଦ୍ରମୟ ପୃଷ୍ଠଭାଗ ପାଇଁ, ବାଲିକାଗଜ ବ୍ୟବହାର କରି ପୃଷ୍ଠଭାଗକୁ ରଫ୍ ବା ରକ୍ଷ ଫିନିଶ୍ ଦିଅନ୍ତୁ ।
- ଫଙ୍ଗସ୍'ର ଚିହ୍ନବର୍ଣ୍ଣ ଦୂର କରିବା ପାଇଁ ପାଣି ଆଉ ୱାୟର୍ ବ୍ରଶ୍/ଯୋଗ୍ୟ ଏମେରୀ କାଗଜ/ପୁଟ୍ଟୀ ବ୍ଲେଡ୍ ଉପଯୋଗ କରନ୍ତୁ ।
- ପୃଷ୍ଠଭାଗ ସଫା କଲାପରେ, ଫାଟ ପୂରଣ କରିବା ସକାଶେ ବିର୍ଲା ହ୍ୱାଇଟ୍ କ୍ରାକ୍‌ଏଣ୍ଡ କ୍ରାକ୍ ଫିଲର୍ ବ୍ୟବହାର କରନ୍ତୁ ।
- ସିମେଣ୍ଟିସିଅସ୍ ସବ୍‌ଷ୍ଟ୍ରେଟ୍ ଦୁର୍ବଳ ଥିଲେ, ପୃଷ୍ଠଭାଗକୁ ଦୂର କରନ୍ତୁ ଆଉ ବିର୍ଲା ହ୍ୱାଇଟ୍ ଲେଭଲ୍‌ପ୍ଲାଷ୍ଟ ଯୋଗେ ମରାମତି କରନ୍ତୁ ।

**ଏଫ୍ଲୋରେସେନ୍‌ସ ଥିବା ପୃଷ୍ଠଭାଗ/ସବ୍‌ଷ୍ଟ୍ରେଟ୍ (ଉଭୟ, ପୁରୁଣା ଓ ନୂଆ ନିର୍ମାଣ)**

- ଏଫ୍ଲୋରେସେନ୍‌ସ ସଫେଇ ଆଗରୁ, ପ୍ରଥମେ ଛେଲା ଛାଡ଼ିବା ବା ଉଲୁରିବା ପେଣ୍ଟ୍, ଧୂଳି, ମଇଳା, ଆଉ ଭଙ୍ଗାରୁଜା ପଦାର୍ଥ (ଡେବ୍ରିକ୍)କୁ ସ୍କ୍ରେପର୍, ତାର ବ୍ରଶ୍, ବା ଯୋଗ୍ୟ ବାଲି/ଏମେରୀ କାଗଜ ଦ୍ୱାରା ଛଡ଼ାନ୍ତୁ ।
- ପୃଷ୍ଠଭାଗକୁ ସୌମ୍ୟ ଏସିଡିକ୍ ସଲ୍ୟୁଶନ୍ (1 ଭାଗ ହାଇଡ୍ରୋକ୍ଲୋରିକ୍ ଏସିଡ ଓ 10 ଭାଗ ପାଣି) ଦ୍ୱାରା ସଫା କରନ୍ତୁ କିମ୍ବା ଏଫ୍ଲୋରେସେନ୍‌ସ ରିମୁଭର୍ ଦ୍ୱାରା ସଲ୍‌ଟ ଡିପୋଜିଟ୍ କୁ ମିଳେଇଦେଇ ଦୂର କରନ୍ତୁ । ପ୍ରଭାବିତ ସ୍ଥାନରେ ସୌମ୍ୟ ଏସିଡିକ୍ ସଲ୍ୟୁଶନ୍ ବା ଏଫ୍ଲୋରେସେନ୍‌ସ ରିମୁଭର୍ ବ୍ରଶ୍ ଦ୍ୱାରା ଆସ୍ତେ ଲଗାନ୍ତୁ ।
- ଏଫ୍ଲୋରେସେନ୍‌ସ ଡିପୋଜିଟ୍ ଛଡ଼ାଇବା ପରେ, ସଫା କରିବା ବେଳର ଏସିଡ୍ ଅଂଶକୁ ଭଲଭାବେ ଦୂର କରିବା ନିମନ୍ତେ ସେହି ସ୍ଥାନକୁ ସଫା ପାଣିରେ ଧୁଅନ୍ତୁ ।
- ମେକାନିକାଲ୍ ଷ୍ଟିରର୍ କରିବା ପରେ, 5-7 ମି.ମି. ପର୍ଯ୍ୟନ୍ତ ଫାଟ ଭରିବା ପାଇଁ ବିର୍ଲା ହ୍ୱାଇଟ୍ କ୍ରାକେଣ୍ଡ କ୍ରାକ୍ ଫିଲର୍ ବ୍ୟବହାର କରନ୍ତୁ ।
- ସିମେଣ୍ଟିସିଅସ୍ ସବ୍‌ଷ୍ଟ୍ରେଟ୍ ଦୁର୍ବଳ ହୋଇଥିଲେ, ପୃଷ୍ଠକୁ କାଢ଼ିବା ଦରକାର ଆଉ ବିର୍ଲା ହ୍ୱାଇଟ୍ ଲେଭଲ୍‌ପ୍ଲାଷ୍ଟ ଉପଯୋଗ କରି ମରାମତି କରନ୍ତୁ ।

*ଜାଣିରଖନ୍ତୁ: ସଲ୍‌ଟ ବ୍ଲକ୍ ଆଣ୍ଟି ଏଫ୍ଲୋରେସେନ୍‌ସ ପୁଟ୍ଟୀ ଲଗେଇବା ଆଗରୁ ସେହି ସ୍ଥାନ/ପୃଷ୍ଠଭାଗରେ ମଏଶ୍ଚର୍, ଲୀକେଜ୍, ଆର୍ଦ୍ରତା, ସୀପେଜ୍ ବା ପାଣି ପଶିବା ପରି ସମସ୍ୟାଙ୍କ ସମାଧାନ ପ୍ରଥମେ କରାଯିବା ଜରୁରୀ । ସବୁଠୁ ଭଲ ପୃଷ୍ଠଭାଗ ଅବସ୍ଥା ପାଇଁ, ମଏଶ୍ଚର୍, ଲୀକେଜ୍, ଆର୍ଦ୍ରତା, ସୀପେଜ୍ ବା ପାଣି ପଶିବା ପରି ସମସ୍ୟାଙ୍କ ସମାଧାନ ସକାଶେ ବିର୍ଲା ହ୍ୱାଇଟ୍ ସୀପ୍‌ଗାର୍ଡ ୱାଟର୍‌ପ୍ରୁଫିଙ୍ଗ ସୁପାରିଶ କରାଯାଏ ।*

## ସବ୍‌ଷ୍ଟ୍ରେଟ୍‌କୁ ଆଗରୁ ଭିଜେଇବା

**ସଲ୍‌ଟ ବ୍ଲକ୍ ଆଣ୍ଟି-ଏଫ୍ଲୋରେସେନ୍‌ସ ପୁଟ୍ଟୀ ଲଗାଇବା ଆଗରୁ ଓଦା କରିଲେ ସବ୍‌ଷ୍ଟ୍ରେଟ୍ ରେ ଆସେ, ବଢ଼ିଆ ମସୃଣତା, କାର୍ଯ୍ୟକାରିତା, କଭରେଜ୍, ଆଉ ସବ୍‌ଷ୍ଟ୍ରେଟ୍ ସହିତ ଉଚ୍ଚ ଜୋଡ଼ିହେବା ସାମର୍ଥ୍ୟ । ବ୍ରଶ୍ ଦ୍ୱାରା, ହୋସ୍‌ପାଇପ୍ ସ୍ପ୍ରେ ଦ୍ୱାରା, ବା ମଗ୍/ଜଗ୍ ରେ ପାଣି ପକାଇ ଆଗୁଆ ଓଦା କରିହୁଏ ।**

## ସଲ୍‌ଟ ବ୍ଲକ୍ ଆଣ୍ଟି-ଏଫ୍ଲୋରେସେନ୍‌ସ ପୁଟ୍ଟୀ ର ମିଶ୍ରଣ

**1** ଧୀରେ ଧୀରେ 1 କେଜି ସଲ୍‌ଟ ବ୍ଲକ୍ ଆଣ୍ଟି-ଏଫ୍ଲୋରେସେନ୍‌ସ ପୁଟ୍ଟୀ 36-38% ସଫା ପାଣି (1 କେଜି ପୁଟ୍ଟୀ + 360-380 ମି.ଲି. ପାଣି) ମିଶାଇ ପିଠଉ ପରି କରନ୍ତୁ । ଆଣ୍ଟି-ଏଫ୍ଲୋରେସେନ୍‌ସ ପୁଟ୍ଟୀ ସିଧା ପାଣିରେ ମିଶାନ୍ତୁ ନାହିଁ ।

**2** ମେକାନିକଲ୍ ଷ୍ଟରର୍ ଦ୍ୱାରା 3-5 ମିନିଟ ପର୍ଯ୍ୟନ୍ତ ମିଶାଇ ଭଲ ପିଠଉ ପରି କରନ୍ତୁ ।

**3** ସର୍ବୋତ୍ତମ ଫଳ ପାଇବା ପାଇଁ ସେହି ପିଠଉକୁ 5 ମିନିଟ ପର୍ଯ୍ୟନ୍ତ ରଖିଦିଅନ୍ତୁ । ଉକ୍ତ ମିଶ୍ରିତ ପିଠଉ 3-3.5 ଘଣ୍ଟା ଭିତରେ ଉପଯୋଗ କରିଦେବା ଉଚିତ ।

# ସବ୍‌ଷ୍ଟ୍ରେଟ୍/ପୃଷ୍ଠଭାଗରେ ଏହା ଲଗାଇବାର ପଦ୍ଧତି

1. ଭଲକରି ମିଶାଇବା ପରେ ସଲ୍ଟ ବ୍ଲକ୍ ଆଣ୍ଟି–ଏଫ୍ଲୋରେସେନ୍ସ ପୁଟ୍ଟୀ'ର ପ୍ରଥମ କୋଟ୍ ଆଗରୁ ଓଦା କରାଯାଇଥିବା କାନ୍ଥ/ସବ୍‌ଷ୍ଟ୍ରେଟ୍ ପୃଷ୍ଠରେ ପୁଟ୍ଟୀ ବ୍ଲେଡ୍ ଦ୍ୱାରା ଏକସମାନ ଭାବେ ଲଗାନ୍ତୁ । ସବ୍‌ଷ୍ଟ୍ରେଟ୍ ପୃଷ୍ଠ'ର ତାପମାତ୍ରା 40 ଡିଗ୍ରୀ ସେଣ୍ଟିଗ୍ରେଡ୍ ରୁ ବେଶି ହୋଇନଥିବା ନିଶ୍ଚିତ କରନ୍ତୁ ।

2. ପ୍ରଥମ କୋଟ୍ ପୁଟ୍ଟୀ ଶୁଖିଗଲା ପରେ, ଉକ୍ତ ପୃଷ୍ଠରେ କିଛି ଢିଲା ଉପାଦାନ ରହିଯାଇଥିଲେ ସେଗୁଡ଼ିକୁ ଛଡ଼ାଇବା ପାଇଁ ଓଦା ସ୍ପଞ୍ଜ ବା ପୁଟ୍ଟୀ ବ୍ଲେଡ୍‌ରେ ଆସ୍ତେକରି ଘଷନ୍ତୁ ।

3. ପୃଷ୍ଠଭାଗକୁ ଅନ୍ତତଃ 3–4 ଘଣ୍ଟା ଶୁଖିବାକୁ ଦିଅନ୍ତୁ ଓ ତାପରେ ସଲ୍ଟ ବ୍ଲକ୍ ଆଣ୍ଟି–ଏଫ୍ଲୋରେସେନ୍ସ ପୁଟ୍ଟୀ'ର ଦ୍ୱିତୀୟ କୋଟ୍ ଲଗାନ୍ତୁ ।

4. ପାଣିପାଗ ଉପରେ ନିର୍ଭର କରି ପୃଷ୍ଠଭାଗକୁ 24 ଘଣ୍ଟା ବା ଅଧିକ ସମୟ ପର୍ଯ୍ୟନ୍ତ ଶୁଖିବାକୁ ଛାଡ଼ିଦିଅନ୍ତୁ । କେବଳ ତାପରେ ପ୍ରାଇମରଆଉ ଟପ୍‌କୋଟ୍ ପେଣ୍ଟ/ଡିସ୍‌ଟେମ୍ପର୍ ଲଗାନ୍ତୁ ।

5. ଫାଇନାଲ୍ କୋଟ୍'ର ପୁଟ୍ଟୀ ପୃଷ୍ଠକୁ ରୁକ୍ଷ ଏମେରୀ ପେପର୍ ଦ୍ୱାରା ଜୋର୍‌ରେ ଘଷିବାକୁ ସୁପାରିଶ କରାଯାଏ ନାହିଁ, ଯେହେତୁ ଏହା ସଲ୍ଟ ବ୍ଲକ୍ ଆଣ୍ଟି–ଏଫ୍ଲୋରେସେନ୍ସ ପୁଟ୍ଟୀ'ର ଏଫ୍ଲୋରେସେନ୍ସ ପ୍ରପର୍ଟୀଙ୍କୁ ଭାଙ୍ଗିଦିଏ । ଅସମତଳତା/ପ୍ୟାଚ୍ କାଢ଼ିବାର ଆବଶ୍ୟକତା ଥିଲେ, ସେହି ପୃଷ୍ଠକୁ ଅତି କମରେ 500 ଗ୍ରିଟ୍ ପରି ଅତି ସୂକ୍ଷ୍ମ ଏମେରୀ ପେପର୍ ଦ୍ୱାରା ସମତଳ କରନ୍ତୁ ।

6. ଉଭୟ କୋଟ୍'ର ମୋଟ ବହଳାପଣ ସର୍ବାଧିକ 1.5 ମି.ମି. ପର୍ଯ୍ୟନ୍ତ ସୀମିତ ରହିବା ଜରୁରୀ ।

*ଜାଣିରଖନ୍ତୁ: ସଲ୍ଟ ବ୍ଲକ୍ ଆଣ୍ଟି–ଏଫ୍ଲୋରେସେନ୍ସ ପୁଟ୍ଟୀ ଲଗାଇବା ସମ୍ପନ୍ନ ହେବା ପରେ, ବହିର୍ଭାଗୀୟ ତଥ୍ୟଙ୍କ ଯୋଗୁଁ କାନ୍ଥ'ର କୌଣସି ପଟରୁ ଯେପରି କିଛି ଲୀକ୍ ନହୁଏ ।*

# କରନ୍ତୁ ଓ ନକରନ୍ତୁ

## କରନ୍ତୁ

- ଲଗାଇବା ପୂର୍ବରୁ ନିଶ୍ଚିତ କରନ୍ତୁ ଯେ ପୃଷ୍ଠ ସଫା ଅଛି, ଆଉ ଢିଲାଢାଲା ଉପାଦାନ କିଛି ନାହିଁ ।
- ଲଗାଇବା ଆଗରୁ ସର୍ବଦା ପୃଷ୍ଠଭାଗକୁ ଆଗତୁରା ଓଦା କରନ୍ତୁ ।
- ଏକସମାନ ନିରନ୍ତରତା ପାଇବାକୁ ଭଲଭାବେ ମିଶାନ୍ତୁ ।
- ପ୍ରସ୍ତୁତ କରିଥିବା ମିଶ୍ରଣକୁ 3–3.5 ଘଣ୍ଟା ଭିତରେ ଉପଯୋଗ କରନ୍ତୁ ।
- ଏସିଡିକ୍ ସଲ୍ୟୁଶନ୍ ତିଆରି କରିବାକୁ ସର୍ବଦା ପାଣିରେ ଏସିଡ ମିଶାନ୍ତୁ, ଏସିଡରେ ପାଣି ନୁହେଁ ।
- ଲଗେଇବା ବେଳେ ସେଫ୍‌ଟୀ ଗଗଲ୍‌ସ ପିନ୍ଧନ୍ତୁ । ଆଖିରେ ଲାଗିଗଲେ/ପଡ଼ିଗଲେ, ତୁରନ୍ତ ପ୍ରଚୁର ପାଣିରେ ଆଖି ଧୁଅନ୍ତୁ ଆଉ ମେଡିକାଲ୍ ଉପଦେଶ ନିଅନ୍ତୁ ।
- ସ୍ୟାଣ୍ଡିଙ୍ଗ ତଥା ପୃଷ୍ଠ ପ୍ରସ୍ତୁତି ବେଳେ ଯଥୋଚିତ ନୋଜ୍ ମାସ୍କ ପିନ୍ଧିବାକୁ ସୁପାରିଶ କରାଯାଏ ।
- ତ୍ୱଚାରେ ଜଳାପୋଡ଼ା ଆରମ୍ଭ ହେଲେ କି ତାହା ଚାଲୁ ରହିଲେ, ତୁରନ୍ତ ତ୍ୱଚାକୁ ପ୍ରଚୁର ପାଣିରେ ଭଲକରି ଧୁଅନ୍ତୁ । ଆବଶ୍ୟକ ହେଲେ ମେଡିକାଲ୍ ଚିକିତ୍ସା କରାନ୍ତୁ ।
- ସଲ୍‌ଟ ବ୍ଲକ୍ ଆଣ୍ଟି–ଏଫ୍ଲୋରେସେନ୍‌ସ ପୁଟ୍ଟୀ'ର ଅନ୍ତିମ କୋଟ୍ ଦେବା ପରେ, 30 ଦିନ ଭିତରେ ପ୍ରାଇମର୍ ଓ ଟପ୍‌କୋଟ୍ ପେଣ୍ଟ/ଡିସ୍‌ଟେମ୍ପର୍ ଲଗାଯାଏ ।
- ଏକ ଶୁଖିଲା ଓ ଶୀତଳ ସ୍ଥାନରେ ମହଜୁଦ କରନ୍ତୁ ।

## ନକରନ୍ତୁ

- ସୁପାରିଶକୃତ ମାତ୍ରା ଠାରୁ ବେଶି ପାଣି ମିଶାନ୍ତୁ ନାହିଁ ।
- ଓଦା, ଲୀକ୍ କରୁଥିବା କିମ୍ବା ମଏଶ୍ଚର୍ ପ୍ରଭାବିତ ପୃଷ୍ଠରେ ଲଗାନ୍ତୁ ନାହିଁ ।
- ପୃଷ୍ଠଭାଗ ମଏଶ୍ଚର୍ 12% ରୁ ଅଧିକ ଥିଲେ ଲଗାନ୍ତୁ ନାହିଁ ।
- ଅନ୍ତିମ କୋଟ୍‌କୁ ରକ୍ଷ ଏମେରୀ ପେପର୍ ରେ ଜୋର୍‌ରେ ଘଷନ୍ତୁ ନାହିଁ ।
- ସଲ୍‌ଟ ବ୍ଲକ୍ ଆଣ୍ଟି–ଏଫ୍ଲୋରେସେନ୍‌ସ ପୁଟ୍ଟୀ ଖାଆନ୍ତୁ ନାହିଁ । ଖାଇଦେଇଥିଲେ ତୁରନ୍ତ ଡାକ୍ତରୀ ପରାମର୍ଶ କରନ୍ତୁ ।
- ବିର୍ଲା ହ୍ୱାଇଟ୍ ସଲ୍‌ଟ ବ୍ଲକ୍ ଆଣ୍ଟି–ଏଫ୍ଲୋରେସେନ୍‌ସ ପୁଟ୍ଟୀକୁ ପିଲାଙ୍କ ହାତପାହାନ୍ତାରେ ରଖନ୍ତୁ ନାହିଁ ।

# SALT BLOCK

## ANTI-EFFLORESCENCE PUTTY

**ଅଧିକ ଜାଣିବା ପାଇଁ**
**କୋଡ୍ ସ୍କାନ୍ କରନ୍ତୁ**


**ବିର୍ଲା ହ୍ୱାଇଟ୍ - ଅଲ୍ଟ୍ରାଟେକ୍ ସିମେଣ୍ଟ ଲିମିଟେଡ’ରଏକ ୟୁନିଟ**

୨ମ ମହଲା, ବିର୍ଲା ସେଞ୍ଚୁରିଅନ୍, ପାଣ୍ଡୁରଙ୍ଗ ବୁଧକର ମାର୍ଗ, ଓ୍ୱର୍ଲି, ମୁମ୍ବାଇ–400030
ଟେଲିଫୋନ ବୋର୍ଡ ନ.: 022-68540444 / 50365111
Website: www.birlawhite.com | ନିଃଶୁଳ୍କ ନ.: 1800 11 1717
www.facebook.com/BirlaWhiteCement | X.com/BirlaWhite
bw-consumercare@adityabirla.com